ତହସିଲଦାର ଯୁଯୋମୁରାଙ୍କ କାର୍ଯ୍ୟାଳୟ

ଜିଲ୍ଲା: ସମ୍ବଲପୁର

**ସର୍ବସାଧାରଣ ଘୋଷଣା**

**Alienation Case No-** 26-73/21

P.R.No:- 4848

Date:- 14/11/25

ଏତଦ୍ଦ୍ୱାରା ସନାତନପାଲି ଗ୍ରାମର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମ୍ନ ତଫସିଲଭୁକ୍ତ ସରକାରୀ ଜମିକୁ ସମବାୟ ବିଭାଗ, ଓଡ଼ିଶା ସରକାରଙ୍କୁ ଉପବଜାର ପ୍ରାଙ୍ଗଣ ନିର୍ମାଣ ନିମନ୍ତେ ହସ୍ତାନ୍ତରଣ ପାଇଁ ସ୍ଥିର କରାଯାଇ ଅଛି । ଏହି ପ୍ରସ୍ତାବରେ ଯଦି କାହାରି କିଛି ଆପତ୍ତି ଅଭିଯୋଗ ଥାଏ, ତେବେ ଏହି ଘୋଷଣା ଜାରି ହେବାର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଲିଖିତ ଅଭିଯୋଗରେ ୨୦ ଟଙ୍କାର କୋର୍ଟ ଫିସ ଲଗାଇ ବିଚାର ନିମନ୍ତେ ଦାଖଲ କରିପାରିବେ । ଧାର୍ଯ୍ୟ ସମୟ ପରେ କୌଣସି ଆପତ୍ତି ଗ୍ରହଣ ଯୋଗ୍ୟ ନୁହେଁ ।

ପ୍ରସ୍ତାବିତ ଜମିର ତଫସିଲ

:

| ମୌଜା | ଖାତା ନଂ | ପ୍ଲଟ ନଂ | କିସମ | ରକବା |
|---|---|---|---|---|
| ସନାତନପାଲି | ୩୭୩<br>(ଆବାଦ ଯୋଗ୍ୟ ଅନାବାଦି) | ୫୦୬/୨୩୭୮ ରୁ | ପତିତ | ଏ ୨.୭୪ ଡି |

ତହସିଲଦାର,ଯୁଯୋମୁରା

ଏହାର ଏକକିତା ନକଲ ସର୍ବସାଧାରଣ ଙ୍କ ତଥା ସରପଞ୍ଚ ଗ୍ରାମ ପଂଚାୟତ ଘେନୁପାଲିଙ୍କୁ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଠାଗଲା ।

ଏହାର ଏକକିତା ନକଲ ସନାତନପାଲି ଗ୍ରାମବାସୀ / ରାଜସ୍ୱ ନିରିକ୍ଷକ କବରାପାଲିଙ୍କୁ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, ଯୁଯୋମୁରା ନୋଟିସ ବୋର୍ଡ ରେ ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଲଗାଗଲା ।

ଏହାର ଏକକିତା DEGM ,ସମ୍ବଲପୁର ଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଉପରୋକ୍ତ ସର୍ବସାଧାରଣ ଇସ୍ତାହାର କୁ ଜିଲ୍ଲା କାର୍ଯ୍ୟାଳୟ ୱେବସାଇଟରେ ପ୍ରକାଶନ ନିମନ୍ତେ ଅନୁରୋଧ କରାଗଲା ।

ତହସିଲଦାର,ଯୁଯୋମୁରା